# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 June– 2026**

---

## ରାଜ୍ୟପାଳ

ରାଜ୍ୟରେ ସୌରଚାଳିତ ପମ୍ପର ଅଧିକରୁ ଅଧିକ ବ୍ୟବହାର କରିବା ନେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟୀ ଗୁରୁତ୍ୱ ଆରୋପ କରିଛନ୍ତି । ସୌରଚାଳିତ ଜଳସେଚନ ପମ୍ପର ବ୍ୟବହାର ଦ୍ୱାରା କୃଷକମାନଙ୍କର ଖର୍ଚ୍ଚ ହ୍ରାସ ପାଇବା ସହିତ ଆୟ ବୃଦ୍ଧି ହୋଇପାରିବ  ଏବଂ ନବୀକରଣ ଶକ୍ତି ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି । ଭୁବନେଶ୍ୱରଠାରେ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ସମୟରେ, ପିଏମ୍ କୁସୁମ ଯୋଜନାକୁ ଅଧିକ ତ୍ୱରାନ୍ୱିତ କରିବା ନେଇ ବ୍ୟାପକ ସଚେତନତା ଓ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଡକ୍ଟର କମ୍ଭମପାଟୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

---

## ସ୍କୁଲ ପାଠପଢ଼ା

ରାଜ୍ୟରେ ଗ୍ରୀଷ୍ମ ଛୁଟି ପରେ ଆଜିଠାରୁ ୨୨ଟି ଜିଲ୍ଲାରେ ବିଦ୍ୟାଳୟ ଖୋଲିଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି  ୮ଟି ଜିଲ୍ଲାରେ ଖରାଛୁଟି ଅବଧିକୁ ଶନିବାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ପର୍ଯ୍ୟନ୍ତ ରହୁଥିବାରୁ ଖରାଛୁଟି ଅବଧିକୁ ସାମୟିକ ଭାବେ ବୃଦ୍ଧି କରାଯାଇଛି । ଏଥିସହ ସମସ୍ତ

ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ବନ୍ଦ ରଖାଯିବା ନେଇ  କେତେକ  ଜିଲ୍ଲା ପ୍ରଶାନସ ପକ୍ଷରୁ ପଦକ୍ଷେପ ନିଆଯାଇଛି । ନୂଆପଡା ଜିଲ୍ଲାରେ ଆଜିଠାରୁ ୨୦ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ  ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ ।

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆସନ୍ତା ଶନିବାର ଦିନ ସହର ଓ ଉପକଣ୍ଠରେ ଥିବା ସମସ୍ତ ସ୍କୁଲ୍ ଓ ସରକାରୀ କାର୍ଯ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି ।

## ବିଭିଜି-ରାମଜି

ଆସନ୍ତା ଜୁଲାଇ ମାସ ପହିଲାରୁ ରାଜ୍ୟ ସରକାର ବିକଶିତ ଭାରତ ଗ୍ରାମୀଣ ରୋଜଗାର ଓ ଆଜିବିକା ମିଶନ-ବିଭିଜି-ରାମଜିକୁ ଲାଗୁ କରିବେ । ଗ୍ରାମାଞ୍ଚଳର ଲୋକମାନଙ୍କୁ ଏହି ଯୋଜନା ଅଧୀନରେ  ୧୨୫ ଦିନର ନିଶ୍ଚିତ ଶ୍ରମଭିତ୍ତିକ ରୋଜଗାର ସରକାର ଯୋଗାଇଦେବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି । ଏହି ଯୋଜନା ଅଧୀନରେ ମୁଖ୍ୟତଃ ଭାବେ ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମିର ମୌଳିକ ସୁବିଧା ଓ ଉନ୍ନତି, ଜୀବିକା ସଂପର୍କିତ ଭିତ୍ତିଭୂମି ଆଦି କାର୍ଯ୍ୟକୁ ଅଗ୍ରାଧିକାର ମିଳିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ବିକଶିତ ଧାରା ଓଡ଼ିଶା ସାରା

କେନ୍ଦ୍ର ସରକାରଙ୍କର ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

ଖୋର୍ଦ୍ଧା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ 'ବିକାଶର ଧାରା ଓଡ଼ିଶା ସାରା' ସଂପର୍କିତ ଜନସଂପର୍କ ଏବଂ ନାଗରିକ ସହଭାଗିତା ସାମ୍ବାଦିକ ସମ୍ମିଳନୀରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ସୂଚନା ଦେଇଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବରଗଡ଼ଠାରେ ସରକାରଙ୍କର ପ୍ରମୁଖ ଜନକଲ୍ୟାଣମୂଳକ ଯୋଜନା ଓ ସଫଳତା ସଂପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ ।

ଭଦ୍ରକରେ ସରକାରଙ୍କର ବିକାଶର ଧାରା ସଂପର୍କିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର  ଉପସ୍ଥିତ ରହି ସରକାରଙ୍କ ଉପଲବ୍ଧି ନେଇ ଆଲୋଚନା କରିଥିଲେ ।

ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ବ୍ଲକ ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ବିଧାୟକ ଗୌରୀଶଙ୍କର ମାଝୀ ସରକାରଙ୍କ ଉପଲବ୍ଧି ଓ ବିକାଶଧାରା ସଂପର୍କରେ ଅବଗତ କରାଇଥିଲେ ।

ନୂଆପଡ଼ା ଜିଲ୍ଲା ବୋଡେନ୍‌ଠାରେ ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ହୋମ ସିଂ ମାଝୀ 'ବିକଶିତ ଧାରା ଓଡ଼ିଶା ସାରା'କାର୍ଯ୍ୟକ୍ରମରେ ସରକାରଙ୍କର ଉପଲବ୍ଧି ସଂପର୍କରେ ଆଲୋଚନା କରିଥିଲେ ।

# ପ୍ରକଳ୍ପ

ସବୁଜ ଜଳବାୟୁ ପାଣ୍ଠିର ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲା ଗସ୍ତ କରି ଭାରତୀୟ ଉପକୂଳ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଛନ୍ତି । ଚିଲିକା ଉପକୂଳ ଓ ବାହୁଦା ଉପକୂଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ସେଠାରେ ବସବାସ କରୁଥିବା ଲୋକମାନଙ୍କର ସୁରକ୍ଷିତ ପରିବେଶର ଆକଳନ କରିଥିଲେ । ଗଞ୍ଜାମ ଜିଲ୍ଲାରେ ଏହି ପ୍ରକଳ୍ପ ୪ଟି ବ୍ଲକର ୪୦ଟି ଗ୍ରାମପଞ୍ଚାୟତର ୧୯୧ଟି ଗ୍ରାମରେ କାର୍ଯ୍ୟକାରୀ ହେଉଛି । ସରକାରଙ୍କର ଏହି ଯୋଜନା ଦ୍ୱାରା ଏହି ଅଞ୍ଚଳର ୫୦ ହଜାର ପରିବାର ଉପକୃତ ହେଉଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

# ସାମାଜିକ ଗଣମାଧ୍ୟମ

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିକାଶର ଧାରା ଓ ଓଡ଼ିଶା ସାରା ସଂପର୍କିତ ଏକ ସାମାଜିକ ଗଣମାଧ୍ୟମରେ ଅଧିକ ଲୋକପ୍ରିୟତା ହାସଲ କରିଥିବା ଇନ୍‌ଫ୍ଲୁଏନ୍‌ସର ଓ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଅମର

ନାୟକ, ହିମାଂଶୁ ଶେଖର ସାହୁ ପ୍ରମୁଖ ଯୋଗଦେଇ ଜିଲ୍ଲାର ଐତିହ୍ୟ ଏବଂ ବିକାଶଧାରାକୁ ସକାରାତ୍ମକ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

## ଟ୍ରେନ୍ ଚଳାଚଳ

ପୁରୀ ରେଳଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ ଓ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ଆଜି ପୁରୀ-ବଡ଼ବିଲ ଏକ୍ସପ୍ରେସ୍ ଓ ଆସନ୍ତାକାଲି ପାଇଁ ବଡ଼ବିଲ-ପୁରୀ ଏକ୍ସପ୍ରେସ୍‌କୁ ବାତିଲ କରାଯାଇଛି ।  ପୁରୀ-ପାରାଦୀପ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍‌କୁ ଆଜି ଓ ଆସନ୍ତାକାଲି ପାଇଁ ବାତିଲ କରାଯାଇଛି । ଅନୁଗୁଳ-ପୁରୀ ମେମୋ ଟ୍ରେନ୍ ଆଜି ଓ ଆସନ୍ତାକାଲି ପୁରୀ ବଦଳରେ ଖୋର୍ଦ୍ଧା ଠାରୁ ଯିବାଆସିବା କରିବ । ଏହା ବ୍ୟତୀତ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ୍, ପୁରୀ-ହାତିଆ ତପସ୍ୱିନୀ ଏକ୍ସପ୍ରେସ୍, ପୁରୁଷୋତ୍ତମ ଏକ୍ସପ୍ରେସ୍, ଉତ୍କଳ ଏକ୍ସପ୍ରେସ୍ ଆଦି ଟ୍ରେନ୍‌ଗୁଡ଼ିକରେ ସମୟ ନିର୍ଘଣ୍ଟରେ ମଧ୍ୟ ପରିବର୍ତ୍ତନ କରାଯାଇଛି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। କାଳବୈଶାଖୀ ପ୍ରଭାବରେ ଆସନ୍ତା ଚବିଶ ଘଣ୍ଟା ମଧ୍ୟରେ ବଜ୍ରପାତ ସହ

ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

..............................................................................